[2008] 15 S. C. R. 307

# ଗୋବର୍ଦ୍ଧନ ଦାସ ବନସାଲ

ବନାମ

ରାଜ୍ୟ (ଦିଲ୍ଲୀ ପ୍ରଶାସନ) ସଚିବଙ୍କ ଦ୍ୱାରା

(ଫୌଜଦାରୀ ଆବେଦନ ସଂଖ୍ୟା 55/2002)

ଅକ୍ଟୋବର 22, 2008

**[ଡକ୍ଟର ଅରିଜିତ ପଶାୟତ, ସି.କେ. ଥାକର୍, ଲୋକେଶ୍ୱର ସିଂ ପନ୍ତ, ନ୍ୟାୟମୂର୍ତ୍ତିବୃନ୍ଦ]**

*ଅଭ୍ୟାସ ଏବଂ ପ୍ରକ୍ରିୟା - ପୁନରୀକ୍ଷଣ - ଅସ୍ପଷ୍ଟ ଏବଂ ଅଯୌକ୍ତିକ ଆଦେଶ ଦ୍ୱାରା ଗ୍ରହଣ ଦିନ ନିଷ୍ପାଦନ - ଔଚିତ୍ୟ - ନିର୍ଣ୍ଣୟ କରାଗଲା : ଉଚିତ ନୁହେଁ - ଯେହେତୁ ନ୍ୟାୟାଳୟ ଅନୁଭବ କରିଥିଲେ ଯେ କିଛି ଯୁକ୍ତିଯୁକ୍ତ ପ୍ରସଙ୍ଗ ରହିଛି, ତେଣୁ ପୁନରୀକ୍ଷଣ ଆବେଦନକୁ ଗ୍ରହଣ କରାଯାଇଥିଲା - ଯଦି କୌଣସି ବିଷୟବସ୍ତୁ ନଥାନ୍ତା, ତେବେ ଏହାକୁ ଗ୍ରହଣ କରାଯାଇନଥାନ୍ତା - ତେଣୁ, ଉଚ୍ଚ ନ୍ୟାୟାଳୟର ଆଦେଶକୁ ବାତିଲ କରିଦିଆଗଲା ଏବଂ ନୂତନ ସମାଧାନ ପାଇଁ ମାମଲାକୁ ଫେରାଇ ଦିଆଗଲା - ରାୟ/ଆଦେଶ - ପୁନରୀକ୍ଷଣ - ଖାଦ୍ୟ ଅପମିଶ୍ରଣ ଅଧିନିୟମ, 1948 ।*

ଫୌଜଦାରୀ ଆବେଦନ ଅଧିକାରିତା : ଫୌଜଦାରୀ ଆବେଦନ ସଂଖ୍ୟା 55/2002 ।

ଫୌଜଦାରୀ ପୁନରୀକ୍ଷଣ ସଂଖ୍ୟା 206/2001 ରେ ନୂଆଦିଲ୍ଲୀ ସ୍ଥିତ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟର ତା17.4.2001 ରିଖର ଅନ୍ତିମ ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ବରିଷ୍ଠ ଅଧିବକ୍ତା, ରଞ୍ଜିତ କୁମାର, ପ୍ରଶାନ୍ତ ପି. ଏବଂ ଟି. ହରିଶ କୁମାର ।

ଉତ୍ତରଦାତାଙ୍କ ପାଇଁ ଅଶୋକ ଭାନ୍, ଆହସା ଜି. ନାୟାର, ଅନୀଲ କଟିୟାର ଏବଂ ଡି.ଏସ୍. ମାହରା ।

**ନ୍ୟାୟମୂର୍ତ୍ତି, ଡକ୍ଟର ଅରିଜିତ ପଶାୟତଙ୍କ** ଦ୍ୱାରା ନ୍ୟାୟାଳୟର ରାୟ ପ୍ରଦାନ କରାଗଲା ।

1. ଶୁଣାଣି କରାଗଲା ।

2. ଏହି ଆବେଦନରେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟର ଜଣେ ବିଦ୍ୱାନ ଏକକ ନ୍ୟାୟମୂର୍ତ୍ତିଙ୍କ ଦ୍ୱାରା ଫୌଜଦାରୀ ପୁନରୀକ୍ଷଣ ସଂଖ୍ୟା 206/2001 ରେ ପାରିତ ଆଦେଶକୁ ଆପତ୍ତି କରାଯାଇଛି । ଆବେଦନକାରୀଙ୍କୁ ଖାଦ୍ୟ ଅପମିଶ୍ରଣ ଅଧିନିୟମ, 1954 (ସଂକ୍ଷେପରେ 'ଅଧିନିୟମ') ର ଧାରା 7 ଏବଂ 16 ଅନୁଯାୟୀ ଦଣ୍ଡନୀୟ ଅପରାଧ ପାଇଁ ମକଦ୍ଦମା କରାଯାଇଥିଲା । ଅଭିଯୋଗ ଥିଲା ଯେ ତା 13.10.1984 ରିଖରେ ଖାଦ୍ୟ ନିରୀକ୍ଷକ ଜାଣିବାକୁ ପାଇଲେ ଯେ ଆବେଦନକାରୀ ଅପମିଶ୍ରିତ ଲଙ୍କା ଗୁଣ୍ଡ ବିକ୍ରି କରୁଛନ୍ତି । ସେହି ଆଧାରରେ, ଯେଉଁ ନମୁନା ସଂଗ୍ରହ କରାଯାଇଥିଲା ତାହାକୁ ସରକାରୀ ବିଶ୍ଳେଷକଙ୍କ ନିକଟକୁ ପଠାଯାଇଥିଲା ଏବଂ ଏହା ଜଣାପଡ଼ିଥିଲା ଯେ ଏଚସିଏଲରେ ଅଦ୍ରବଣୀୟ ପାଉଁଶର ପ୍ରତିଶତ 1.35% ର ଅନୁମୋଦିତ ସୀମା ତୁଳନାରେ 4.2 ପ୍ରତିଶତ ଥିଲା ।

ବିଚାର କରୁଥିବା ନ୍ୟାୟାଳୟ ଆବେଦନକାରୀଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ । ଆବେଦନରେ, ବିଚାର କରୁଥିବା ନ୍ୟାୟାଳୟଙ୍କ ସିଦ୍ଧାନ୍ତକୁ କାଏମ ରଖାଯାଇଥିଲା । ଉଚ୍ଚ ନ୍ୟାୟାଳୟରେ ଏକ ଫୌଜଦାରୀ ପୁନରୀକ୍ଷଣ ଆବେଦନ ଦାଖଲ କରାଯାଇଥିଲା ଯାହାକୁ ଗ୍ରହଣ କରାଯାଇଥିଲା । କିନ୍ତୁ ଯେଉଁ ଦିନ ଆବେଦନକୁ ଗ୍ରହଣ କରାଯାଇଥିଲା, ସେହି ଦିନ ଏକ ଅସ୍ପଷ୍ଟ ଏବଂ ବ୍ୟବହାରିକ ଭାବରେ ଅଯୌକ୍ତିକ ଆଦେଶ ଦ୍ୱାରା ପୁନରୀକ୍ଷଣ ଆବେଦନର ସମାଧାନ କରାଯାଇଥିଲା । ଗ୍ରହଣ କରାଯାଇଥିବା ଏକ ପୁନରୀକ୍ଷଣ ଆବେଦନର ସମାଧାନ କରିବାର ତାହା ଉପାୟ ନୁହେଁ । ଯଦି କୌଣସି ବିଷୟବସ୍ତୁ ନଥାନ୍ତା, ତେବେ ଏହାକୁ ଗ୍ରହଣ କରାଯାଇ ନଥାନ୍ତା । ଯେହେତୁ ଏହା ସ୍ୱୀକାର କରାଯାଇଥିଲା, ନ୍ୟାୟାଳୟ ସ୍ପଷ୍ଟ ଭାବରେ ଅନୁଭବ କରିଥିଲେ ଯେ କିଛି ଯୁକ୍ତିଯୁକ୍ତ ପ୍ରସଙ୍ଗ ରହିଛି । ଏହା ପରେ କୌଣସି କାରଣ କିମ୍ବା ଆଧାର ନଦର୍ଶାଇ ଏହାକୁ ଖାରଜ କରିବା ନିଶ୍ଚିତ ଭାବରେ ସମାଧାନର ଉପଯୁକ୍ତ ଉପାୟ ନୁହେଁ ।

3. ତଦନୁସାରେ, ଆମେ ଉଚ୍ଚ ନ୍ୟାୟାଳୟର ଆକ୍ଷେପିତ ଆଦେଶକୁ ବାତିଲ କରୁଛୁ ଏବଂ ଆଇନ ଅନୁଯାୟୀ ନୂତନ ସମାଧାନ ପାଇଁ ମାମଲାଟିକୁ ଉଚ୍ଚ ନ୍ୟାୟାଳୟକୁ ପଠାଇ ଦେଉଛୁ ।

4. ଏହା କୁହାଯାଇଛି ଯେ ଏହି ନ୍ୟାୟାଳୟ ଦ୍ୱାରା ପାରିତ ଆଦେଶ ଅନୁଯାୟୀ ଆବେଦନକାରୀ ଜାମିନରେ ଅଛନ୍ତି । ଉଚ୍ଚ ନ୍ୟାୟାଳୟ ଦ୍ୱାରା ପୁନରୀକ୍ଷଣର ସମାଧାନ ନହେବା ପର୍ଯ୍ୟନ୍ତ ଏହା ଜାରି ରହିବ । ଆମେ ଏହା ସ୍ପଷ୍ଟ କରୁଛୁ ଯେ ଏହି ଅନ୍ତରୀଣ ସୁରକ୍ଷା ପ୍ରଦାନ କରି, ଆମେ ମାମଲାର ଯୋଗ୍ୟତା ଉପରେ କୌଣସି ମତ ପ୍ରକାଶ କରିନାହୁଁ ।

5. ତଦନୁସାରେ ଆବେଦନଟିର ସମାଧାନ କରାଗଲା ।

ଏନ୍.ଜେ. ଆବେଦନଟିର ସମାଧାନ କରାଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

*<u>ଭାଷାନ୍ତର :</u>*

ରଶ୍ମିତା ମୁର୍ମୁ ,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ , କଟକ ।